## ସଂକ୍ଷେପରେ

### ମଧୁମେହ, ଥାଇରଏଡ ସଚେତନତା ପଦଯାତ୍ରା

ହାତୀଓଟ,୧୦ା୧୨-ପୋଲସରାରେ ମଙ୍ଗଳବାର ବ୍ରହ୍ମପୁର ମଧୁମେହ ଓ ଥାଇରଏଡ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦି ମୁଖ୍ୟଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ଆରମ୍ଭ ହୋଇ ବ୍ଲକ ଛକ ନିକଟରେ ଶେଷ ହୋଇଥିଲା। ମଧୁମେହ ବିଶେଷଜ୍ଞ ଡାକ୍ତର ସୁନୀଲ କୋଟା କାର୍ଯ୍ୟକ୍ରମରେ ଯୋଗଦେଇ ମଧୁମେହରୁ ବଞ୍ଚିତ ହେବାକୁ ଦୈନିକ ବ୍ୟାୟାମ ସମେତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବାକୁ ହେବ ବୋଲି ସୂଚନା ଦେଇଥିଲେ।

### ଜଙ୍ଗଲ ପରିଦର୍ଶନ କଲେ ବନ ବିଭାଗ ଅଧିକାରୀ

ବୁଗୁଡ଼ା,୧୦ା୧୨(ଡି.ଏନ.ଏ.)-ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ୪ ବନ ସୁରକ୍ଷା ସମିତି ଉଦ୍‌ଘାଟନ ସହ ବନ ବିଭାଗ ଅଧିକାରୀମାନେ ସୋମବାର ବିଭିନ୍ନ ଜଙ୍ଗଲର ଚାରାରୋପଣ କାର୍ଯ୍ୟକ୍ରମ ପରିଦର୍ଶନ କରିଛନ୍ତି। ଓଡ଼ିଶା ବନାଞ୍ଚଳ ପ୍ରକଳ୍ପ ପର୍ଯ୍ୟାୟ-୨ର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପି.ଜାଡ଼ମାକ୍ରୋ ବୁଗୁଡ଼ା ବନାଞ୍ଚଳ ଗସ୍ତରେ ଆସି ଝାଟିକାପଲ୍ଲୀ, ଗୋଳାବନ୍ଧ, ରାବଗଡ଼ ଓ କଣ୍ଡେରେଇ ବନ ସୁରକ୍ଷା ସମିତିର ସଭା ଗୃହକୁ ଉଦ୍‌ଘାଟନ କରିଛନ୍ତି। ଏଥିସହ ସମଲେଇଠାରେ ୪ ମହିଳାଙ୍କୁ ସେ ସିଲେଇ ମେଶିନ ପ୍ରଦାନ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଝାଟିକାପଲ୍ଲୀ ଓ ଗୋଳାବନ୍ଧ ଜଙ୍ଗଲରେ ଚାରାରୋପଣ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆର୍ଥିକ ମୁଖ୍ୟ ବନ ସଂରକ୍ଷଣ ସୁରେଶ ପନ୍ତ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା, ଏସିଏଫ ଶଙ୍କର୍ଷଣ ବେହେରା ଓ ପ୍ରଭାକର ନାୟକ, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ଚିହ୍ନଟ ଶିବିର

ଆସିକା,୧୦ା୧୨(ଡି.ଏନ୍.ଏ): ଆସିକା ବ୍ଲକ କାଳଷଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୬୫ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଶିବିରରେ ପଞ୍ଜୀକରଣ କରାଇବା ସହ ସେମାନଙ୍କ ଲାଗି ଆବଶ୍ୟକ ସହାୟକ ଉପକରଣ ତାଲିକାଭୁକ୍ତ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ନିମନ୍ତେ ଆବଶ୍ୟକ ଉପକରଣ ଆଗାମୀ ଦିନରେ ପ୍ରଦାନ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ବିଭାଗ ବିଶେଷଜ୍ଞ କ୍ଷୀରୋଦ ବେହେରା ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଉପକରଣ ଚିହ୍ନଟ କରିଥିଲେ। ସିଆରସିସି ମନୋରଞ୍ଜନ ପାଢ଼ୀ, ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ, ଶିକ୍ଷୟିତ୍ରୀ ମନ୍ଦାକିନୀ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଦ ଜବତ, ବେପାରୀ ଗିରଫ

ବେଗୁନିଆପଡ଼ା,୧୦ା୧୨(ଡି.ଏନ.ଏ.)-ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ କାଳୀ ମନ୍ଦିରଠାରେ ମଙ୍ଗଳବାର କିଛି ସ୍ୱେଚ୍ଛାସେବୀ ଯୁବକ ଦେଶୀ ମହୁଲି ଚୋରା ମଦ ସହ ବେପାରୀଙ୍କୁ ଅବକାରୀ ବିଭାଗ ଅଧିକାରୀଙ୍କ ଜିମା ଦେଇଛନ୍ତି। ମଦ ବେପାରୀ ହେଲେ ଖଲ୍ଲିକୋଟ ବ୍ଲକ ନୂଆପଲିର ସୁରେଶ ଶବର। ତାଙ୍କଠାରୁ ବାଇକ୍ ସହ ଏକ ବସ୍ତା ଦେଶୀ ମହୁଲି ମଦ (୧୨୫ ପ୍ୟାକେଟ) ଜବତ କରି ଖଲ୍ଲିକୋଟ ଅବକାରୀ ବିଭାଗ ଅଧିକାରୀ ଦୀପ୍ତିମୟୀ ସାହୁଙ୍କୁ ଦେଇଥିଲେ। ସାହୁ ସଦଳବଳ ପହଞ୍ଚି ସୁରେଶଙ୍କୁ ଗିରଫ କରିଛନ୍ତି।

### ଅଣ ସଂକ୍ରମଣ ରୋଗ ଚିହ୍ନଟ ଶିବିର

ପାଟପୁର,୧୦ା୧୨-ସାନଖେମୁଣ୍ଡି ବ୍ଲକ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୌଜନ୍ୟରେ ପାଟପୁର ଷ୍ଟେଶନ ରୋଡ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅଣ ସଂକ୍ରମଣ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଶଙ୍କର୍ଷଣ ସ୍ୱାଇଁ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୌଜନ୍ୟରେ ପାଟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅଭିଷେକ ଆଚାର୍ଯ୍ୟ ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୧୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।

■ ୨୪ରୁ ଗୋପାଳପୁର ବେଳାଭୂମି ମହୋତ୍ସବ

# ବଲିଉଡ୍ ଗାୟକ ସୋନୁ ନିଗମ, ଶାନ୍ ଆକର୍ଷଣ

ଛତ୍ରପୁର,୧୦ା୧୨(ଡି.ଏନ.ଏ)

ଚଳିତ ମାସ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଗୋପାଳପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଗୋପାଳପୁର ବେଳାଭୂମି ମହୋତ୍ସବ କମିଟି, ଗଞ୍ଜାମ ଜିଲା ପ୍ରଶାସନ ଓ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି ଚାଲିଛି। ମଙ୍ଗଳବାର ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଖବରଦାତାମାନଙ୍କୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ମୋ ଗୋପାଳପୁର କାର୍ଯ୍ୟକ୍ରମ ଚାଲିଛି। ବେଳାଭୂମି ମହୋତ୍ସବକୁ ବଡ ଆକାରରେ ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଥିଲେ। ଚଳିତ ଥର ଦିନରେ ମଧ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଜିଲାର ବିଭିନ୍ନ ଲୋକକଳା ନୃତ୍ୟ, ସଙ୍ଗୀତ ପରିବେଷଣ ସହ ବଲିଉଡ୍ ଓ ଓଲିଉଡ୍ କଳାକାରମାନଙ୍କ ପକ୍ଷରୁ ମେଗା ଶୋ ହେବ। ଅପରପକ୍ଷରେ ଚଳିତ ଥର ଏହି ଉତ୍ସବ ପାଇଁ ଷ୍ଟେଜ୍ ଅନ୍ୟସ୍ଥାନରେ ହେବ। ଫଳରେ ଏଠାରେ ସମାଗମ ହେବାକୁ ଥିବା ଲକ୍ଷାଧିକ ଲୋକଙ୍କ ପାଇଁ ସୁବିଧା ହେବ ବୋଲି ଜିଲାପାଳ କହିଛନ୍ତି। ପ୍ରଥମ ସନ୍ଧ୍ୟାରେ ବଲିଉଡ୍ ଗାୟକ ସୋନୁ ନିଗମ୍ ଓ ଉଦ୍‌ଯାପନୀ ସନ୍ଧ୍ୟାରେ ବଲିଉଡ୍ ଗାୟକ ଶାନ୍ ଆସିବେ। ଏହି ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାକୁ ସମ୍ମତି ଦେଇଥିବା ଗୋପାଳପୁର ବେଳାଭୂମି ମହୋତ୍ସବ କମିଟି ସଭାପତି ତଥା ବିଧାୟକ ପ୍ରଦୀପ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଥିସହ ବଲିଉଡ୍ ଓ ଓଲିଉଡ୍ କଳାକାର ମଧ ଗୀତ ଓ ନାଚ ପରିବେଷଣ ପାଇଁ ଯୋଜନା ହୋଇଛି। ରୁଷିଆର ଫେଷ୍ଟିଭ ଡ୍ୟାନ୍ସ ମଧ ଏହି ମହୋତ୍ସବର ଅନ୍ୟତମ ଆକର୍ଷଣ ରହିବ। ଗୋପାଳପୁର ମହୋତ୍ସବକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଉପରେ ସମସ୍ତ ସହଯୋଗ ଲୋଡାଯାଇଥିଲା। ଟ୍ରାଫିକ୍ ପରିଚାଳନା, ଆଇନ ଶୃଙ୍ଖଳା, ପାର୍କିଂ ବ୍ୟବସ୍ଥା ଉପରେ ବ୍ରହ୍ମପୁର ଏସ୍‌ପି ପିନାକ୍ ମିଶ୍ର ସୂଚନା ଦେଇଥିଲେ। ମହୋତ୍ସବ ହେବାକୁ ଥିବା ସ୍ଥଳ ପରିଦର୍ଶନ ସହ ୨ ରାଉଣ୍ଡ ବୈଠକ ହେଉଥିବା ଏସ୍‌ପି କହିଥିଲେ। ପାର୍କିଂ ପାଇଁ ସ୍ଥାନ ଚିହ୍ନଟ ସହ ଏଣ୍ଟ୍ରି ପଏଣ୍ଟ ଚୂଡାନ୍ତ ହୋଇଛି। ସିନିୟର ସିଟିଜେନ୍ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବସିବା ବ୍ୟବସ୍ଥା ରହିବ। ମହୋତ୍ସବ ସ୍ଥାନଠାରୁ ୧ କି.ମି. ମଧ୍ୟରେ ପାର୍କିଂ ବ୍ୟବସ୍ଥା ରହିବ ବୋଲି ଜିଲାପାଳ କହିଛନ୍ତି। ପୂର୍ବରୁ ଷ୍ଟେଜ୍ ହେଉଥିବା ସ୍ଥାନରେ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଏଥିସହ ୫୦ ହାର୍ବଲ ଷ୍ଟଲ୍ ରହିବ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଚିକିଟି ବିଧାୟିକା ଉଷା ଦେବୀ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଗୋପାଳପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ଉମାଶଙ୍କର ସେଠୀ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଲୋଗୋ ଉନ୍ମୋଚିତ ହେଉଛି।

■ ଉଦ୍‌ଘାଟନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସମ୍ମତି
■ ନାଚିବେ ରୁଷିଆର ଫେଷ୍ଟିଭ୍ ଗର୍ଲସ
■ ଷ୍ଟେଜ୍ ସ୍ଥାନ ବଦଳିଲା, ଲୋଗୋ ଉନ୍ମୋଚିତ

## ଭାଲୁମୁଣ୍ଡିଆ ପାହାଡ଼ରେ ନାଲି ପତାକା ପୋତିଲା ପ୍ରଶାସନ



ପ୍ରଶାସନ ତରଫରୁ ନାଲି ପତାକା ପୋତାଯାଉଛି।

ବୁଗୁଡ଼ା,୧୦ା୧୨(ଡି.ଏନ.ଏ.)

ବୁଗୁଡ଼ା ତହସିଲ ମାଣିତରା ଗ୍ରାମ୍ୟ ଜଙ୍ଗଲରେ ଥିବା ଭାଲୁମୁଣ୍ଡିଆ ପାହାଡ଼ରେ ବେଆଇନ ଭାବେ ପଥର ଫୁଟାଇବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ପ୍ରଶାସନ ତରଫରୁ ସୋମବାର ବିଳମ୍ବିତ ରାତିରେ ଉକ୍ତ ସ୍ଥାନକୁ ପରିଦର୍ଶନ କରାଯାଇ ନାଲି ପତାକା ପୋତା ଯାଇଥିବା ତହସିଲଦାର ସଂଗ୍ରାମ କେଶରୀ ଜେନା କହିଛନ୍ତି। ଦୀର୍ଘଦିନ ଧରି ଭାଲୁମୁଣ୍ଡିଆ ପାହାଡ଼ରେ ବେଆଇନ ଭାବେ ମାଫିଆମାନେ ପଥର ଫୁଟାଇ ଆସୁଥିଲେ। ଏତଲା ପାଇ ତହସିଲଦାର ସଂଗ୍ରାମ କେଶରୀ ଜେନା, ଏସ୍‌ଆଇ ତନୁଶ୍ରୀ ସାହୁ, ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ଓ ସମ୍ପୃକ୍ତ ବିଭାଗୀୟ କର୍ମଚାରୀମାନେ ଉକ୍ତ ସ୍ଥାନ ଚଢ଼ାଉ କରିଥିଲେ। ପରେ ସେଠାରେ ନାଲି ପତାକା ପୋତାଯାଇ ପଥର ଖଣିକୁ ବନ୍ଦ କରି ଦିଆଯାଇଛି।

## ଖୁରରେ ଆକ୍ରମଣ, ଯୁବକ ଗୁରୁତର

ଦିଗପହଣ୍ଡି,୧୦ା୧୨(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ କୁଶପଡା ପଞ୍ଚାୟତ କେ. ସାମନ୍ତରାପୁର ଗାଁରେ ମଙ୍ଗଳବାର ନିରଞ୍ଜନ ରେଡ୍ଡୀଙ୍କୁ ଖୁରରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏତଲା ପାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସନ୍ଧ୍ୟାରେ ଜି. ନିରଞ୍ଜନ ରେଡ୍ଡୀଙ୍କ ଧାନ ଅଖାରୁ ବହୁ ସଂଖ୍ୟକ କୁକୁଡ଼ା ଧାନ ଖାଇ ଦେବାରୁ ନିରଞ୍ଜନ ଉତ୍ତ୍ୟକ୍ତ ହୋଇ କୁକୁଡ଼ାକୁ ପଥର ମାରିଥିଲେ। ଏହି ସମୟରେ କୁକୁଡ଼ା ପୋଷିଥିବା ଗାଁର ଜଣେ ଯୁବକ ସେଠାରେ ପହଞ୍ଚି ନିରଞ୍ଜନଙ୍କୁ ଗାଳିଗୁଲଜ କରିଥିଲେ। ପରେ ସମ୍ପୃକ୍ତ ଯୁବକ ଘରୁ ଏକ ଧାରୁଆ ଖୁରା ଆଣି ନିରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ନିରଞ୍ଜନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଥାନାରେ ଏତଲା ଦେଇଥିଲେ।

## ନିଶାସକ୍ତ ବାଇକ୍ ଚାଳକ ଗିରଫ

ପାଟପୁର,୧୦ା୧୨

ପାଟପୁର ପୋଲିସ ମଙ୍ଗଳବାର ଜଣେ ନିଶାସକ୍ତ ବାଇକ୍ ଚାଳକଙ୍କୁ ନନ୍ ଏଫ୍‌ଆଇଆର୍ ମାମଲା ନଂ. ୧୨୨/୧୯ ଅନୁଯାୟୀ କୋର୍ଟ ଚାଲାଣ କରିଛି। ସେ ହେଲେ ପାଟପୁର ଥାନା ସାହସପୁର ଗ୍ରାମର ଶ୍ୟାମବାବୁ ଦୋରା। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ହାଟପଦା ଛକ ନିକଟରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ନିଶାସକ୍ତ ଅବସ୍ଥାରେ ଶ୍ୟାମ ଗିରଫ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ ବୋଲେ ରାଉ ରାଉ;
କଥାଏ ଦି' କଥା କହି ଥାଆନ୍ତି,
ବଣା କଲା ଭାଇ ବୋହୂ।**

ସମୟ ସୁବିଧା ଦେଖି ମଣିଷ ନିଜ ମନର କଥା ଅନ୍ୟ ସହ ବାଣ୍ଟିଥାଏ। ତେବେ ପାଖରେ ଯଦି କେହି ନିଜ ଲୋକ ରହିଥାଏ ତା'ହେଲେ ଗୋପନ କଥା ଗୋପନରେ ରହିଯାଇଥାଏ। କାଳେ କିଛି ଜଣା ପଡ଼ିଯିବ ସେ ନେଇ ମନରେ ଭୟ ସୃଷ୍ଟି ହୋଇଥାଏ। ନିଜର ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ନେଇ ଆତ୍ମୀୟ ପ୍ରତିବନ୍ଧକ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କବି ତୁଣ୍ଡ,
ମେଣ୍ଢା ମୁଣ୍ଡ।**

ମେଣ୍ଢା ମୁଣ୍ଡ ଭାରି ଟାଣ। ସେ ତାଳ ପକେଇ ଲଢ଼େଇ କଲାବେଳେ ଠୋ ଠୋ ଶବ୍ଦ ଶୁଭେ। ମେଣ୍ଢା ମୁଣ୍ଡ ଟାଣ ହେଲା ଭଳି କବିଙ୍କର ଲେଖା ମଧ ଟାଣ। ତାଙ୍କ ଲେଖା ଭାରି ଅର୍ଥପୂର୍ଣ୍ଣ, ଟାଣୁଆ ଭାଷା। ସର୍ବୋପରି କବିଙ୍କ ଲେଖା ଗଭୀର ଅର୍ଥ ବିଶିଷ୍ଟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅଗ୍ନିକାଣ୍ଡରେ ଧାନଗଦା ଜଳିଗଲା

ଦିଗପହଣ୍ଡି,୧୦ା୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପୋଡାବାଡି ଗାଁରେ ମଙ୍ଗଳବାର ସକାଳେ ଚାଷୀ ସୋମନାଥ ଦଳେଇଙ୍କ ୧୦ ଭରଣ ଜମିର ଧାନ ଗଦା ଜଳିଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ଦୁର୍ବୃତ୍ତ ଧାନ ଗଦାରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ମଧ ଧାନ ଖଳାକୁ ରାସ୍ତା ନ ଥିବାରୁ ଦମକଳ ଗାଡ଼ି ଘଟଣାସ୍ଥଳକୁ ଯାଇ ନ ପାରି ଫେରିଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ନିଆଁ ଲିଭାଯାଇଛି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶରେ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି। ଅଗ୍ନିକାଣ୍ଡରେ ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର ଧାନ ଜଳି ଯାଇଥିବା ଚାଷୀ କହିଛନ୍ତି। ଏ ନେଇ ସେ ସନ୍ଧ୍ୟାରେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି।

## ଟେଣ୍ଟାରେ ଆକ୍ରମଣ, ଅଭିଯୁକ୍ତ ଫେରାର

ଦିଗପହଣ୍ଡି,୧୦ା୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ଖଜୁରିପଲ୍ଲୀ ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଟେଣ୍ଟାରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏତଲା କ୍ରମେ ଆଇଆଇସି ବସନ୍ତ କୁମାର ସେଠୀ ନଂ. ୨୬୪/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଗତ ରବିବାର ରାତିରେ ଗ୍ରାମର ଭୀମ ଗୌଡ ଗାଁ ପୋଖରୀକୁ ଶୌଚ ପାଇଁ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ଅନ୍ୟଜଣେ ଯୁବକ ତାଙ୍କୁ ଗାଳିଗୁଲଜ କରିଥିଲେ। ଭୀମ ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକ ଗୁହାଳ ଘରୁ ଲୁହା ନିର୍ମିତ ଟେଣ୍ଟା ଆଣି ଭୀମଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଭୀମଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗିରଫ ଭୟରେ ଅଭିଯୁକ୍ତ ଯୁବକ ଫେରାର ଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ମାଧବ ଚନ୍ଦ୍ର ଟାକରୀ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
A to Z Problem Solution
9818298397
9953959390

FINANCE

FINANCE
ବାଲାଜୀ ଫାଇନାନ୍ସ
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 40% ରିହାତି
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ASTROLOGY

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

GTL Telecom Co.
ଅଗ୍ରିମ - 60,00000/-
ଭଡ଼ା - 25,000/-
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
A to Z ସମସ୍ୟାର ସମାଧାନ
ବାବା ଆମିଲ ସୁଫି
9540938429
9903852257

ଶକ୍ତିର ଦେଖନ୍ତୁ ଚମତ୍କାର
2 ଘଣ୍ଟାରେ 100% ସମାଧାନ
7578028866
ବାବା କବିର ଖାନ
9599320079

ନବବର୍ଷ ଧମାକା
ASF FINANCE
1% ସୁଧ 25% ଛାଡ଼
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BUSINESS
Galaxy Tower
70,000,00/-
45,000/-
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମଦ ଜବତ, ଜଣେ କୋର୍ଟଚାଲାଣ

**ଗୋପାଳପୁର,୧୦।୧୨:** ଗୋଲନ୍ଥରା ଥାନା ଟାମଣା ଗ୍ରାମରେ ବେଆଇନ ଦେଶୀ ମଦ ବିକ୍ରି ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଅନନ୍ତ ପ୍ରଧାନ (୫୪)। ତାଙ୍କଠାରୁ ୧୫ ଲିଟରରୁ ଊର୍ଦ୍ଧ୍ୱ ମହୁଲି ମଦ ଜବତ କରିବା ସହ ନଂ. ୩୧୪/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅନନ୍ତ କିଛିଦିନ ହେଲା ଏହି ଥାନା ଅନ୍ତର୍ଗତ ଟାମଣାରେ ଚୋରା ମହୁଲି ମଦ ବିକ୍ରି କରୁଥିଲେ। ଖବର ପାଇ ପୂର୍ବାହ୍ନରେ ଗୋଲନ୍ଥରା ଥାନାଧିକାରୀ ବାବୁଲି ନାୟକ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

### ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ଆସିକା,୧୦।୧୨(ଡି.ଏନ୍.ଏ.):** ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନବିସି କଲେଜ ପରିସରରେ ମଙ୍ଗଳବାର ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କଲେଜ ଅଧକ୍ଷ ଡ. ସନ୍ତୋଷ କୁମାର ଆପଟ ଶିବିର ଉଦଘାଟନ କରି ଛାତ୍ରୀମାନଙ୍କ ଲାଗି ଆତ୍ମ ସୁରକ୍ଷା କୌଶଳ ଶିଖିବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଶୁଭଶ୍ରୀ ସାହୁ, ଅଧାପକ ରବିନାରାୟଣ ପାତ୍ର ଓ ଯୁବ ରେଡକ୍ରସ ସଂଯୋଜକ ହରିଶଙ୍କର ପାଣ୍ଡେ, ଜାତୀୟ ସେବା ଯୋଜନାର ଅଧିକାରୀ ସୁଜାତା ସିଂ, ଅଧାପିକା ଅର୍ଚ୍ଚନା ପଟ୍ଟନାୟକ, ରାଜେଶ୍ୱରୀ ରଥ ପ୍ରମୁଖ ଆତ୍ମ ସୁରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

### ବ୍ୟାଙ୍କ କଲୋନୀରେ ଚାରାରୋପଣ

**ଛତ୍ରପୁର,୧୦।୧୨(ଡି.ଏନ.ଏ.):** ଛତ୍ରପୁର ବ୍ୟାଙ୍କ କଲୋନୀରେ ମଙ୍ଗଳବାର ଉନ୍ନୟନ କମିଟି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷ ଏମ୍.ଧନଞ୍ଜୟ ରେଡ୍ଡୀ, ଉପାଧକ୍ଷା ଅମିତା ସାହୁ, ବିଡିଓ ଅମ୍ବିକା ପ୍ରସାଦ ମିଶ୍ର ଯୋଗଦେଇ ଚାରା ରୋପଣ କରିଥିଲେ। ଏପରି କାର୍ଯ୍ୟକ୍ରମ ଆୟୋଜନ ନେଇ ବ୍ୟାଙ୍କ କଲୋନୀ ଉନ୍ନୟନ କମିଟି କର୍ମକର୍ତ୍ତାଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ବ୍ୟାଙ୍କ କଲୋନୀର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ଓ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ରାସ୍ତା, ଡ୍ରେନ ଓ ଆଲୋକ ଆଦିର ସମସ୍ୟା ରହିଛି। ଭଲ ରାସ୍ତା ନ ଥିବାରୁ ବର୍ଷାଦିନେ ଏଠାରେ ପାଣି ଜମି ରହୁଛି। ଫଳରେ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେଉଛି। ଏନ୍ଏସି ପକ୍ଷରୁ ଏଠାର କିଛି ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇଯାଇଥିଲା ଏବଂ ଏବେ ଅଧିକାଂଶ ଲାଇଟ୍ ଜଳୁନି। ଏନ୍ଏସି ଆଉ ଏହାର ମରାମତି କରୁନି। ମିଳିଥିବା ସୂଚନା ଅନୁସାରେ, ଉକ୍ତ ଅଞ୍ଚଳର ଲୋକେ ଏନ୍ଏସି କାଉନସିଲର ନିର୍ବାଚନରେ ଭୋଟ ଦେଉଛନ୍ତି। ମାତ୍ର ଏମାନଙ୍କ ଅଞ୍ଚଳ ପଞ୍ଚାୟତ ଅଧୀନରେ ରହିଛି। ଏଥିଲାଗି ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଛତ୍ରପୁର ଏନ୍ଏସିରେ ଉକ୍ତ ଅଞ୍ଚଳ ସାମିଲ ଅନୁମତି ଦେବା ପାଇଁ ପଞ୍ଚାୟତକୁ ଲେଖି ଜଣାଇବାକୁ ସ୍ଥାନୀୟ ଲୋକଙ୍କୁ କୁହାଯାଇଛି।

### ନିକଟତର ହୋଇଛି ସାଙ୍ଗଠନିକ ନିର୍ବାଚନ

# ଗଞ୍ଜାମ ଜିଲା ବିଜେଡି, ଭାଜପା ରାଜନୀତି ଉଷ୍ମ

**ବ୍ରହ୍ମପୁର ଅଫିସ,୧୦।୧୨**

ଗଞ୍ଜାମ ଜିଲାରେ ଶାସକ ବିଜେଡି ଓ ବିରୋଧୀ ଭାଜପାର ସାଙ୍ଗଠନିକ ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି। ଦଳ ସମ୍ବିଧାନ ଅନୁସାରେ ଭାଜପା ଗଞ୍ଜାମ ସାଙ୍ଗଠନିକ ଜିଲାରେ ସଭ୍ୟ ସଂଗ୍ରହ ଅଭିଯାନ, ୱାର୍ଡ କମିଟି ଗଠନ, ମଣ୍ଡଳସ୍ତରୀୟ ସଭାପତି ଓ ଜିଲା କମିଟି କର୍ମକର୍ତ୍ତା ନିର୍ବାଚନ ଇତିମଧ୍ୟରେ ଶେଷ ହୋଇଛି । ସେହିପରି ଭାଜପା ଘୁମୁସର ସଂଗଠନ ଜିଲାରେ ମଧ୍ୟ ଏଭଳି ପ୍ରକ୍ରିୟା ସରିଛି। ଦୁଇ ଚାରିଦିନ ମଧ୍ୟରେ ଜିଲା ସଭାପତି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଅପରପକ୍ଷରେ କଂଗ୍ରେସର ୨୦୧୮ରେ ସାଙ୍ଗଠନିକ ନିର୍ବାଚନ ସରିଛି। ପ୍ରତି ୩ ବର୍ଷରେ କର୍ମକର୍ତ୍ତା ଚୟନ ହେବାର ବିଧି ଥିବାରୁ ଚଳିତ ବର୍ଷ ସଭ୍ୟ ସଂଗ୍ରହ ଓ ନିର୍ବାଚନ ହେବ ନାହିଁ ବୋଲି ଜିଲା କଂଗ୍ରେସ ସୂତ୍ରରୁ ସୂଚନା ମିଳିଛି ।

**ବିଜେଡି ସଭ୍ୟ ସଂଗ୍ରହ ବଢ଼ି ଚାଲିଛି ସମୟ ସୀମା**

ବିଜେଡି ସଭ୍ୟ ସଂଗ୍ରହ ସମୟ ସୀମା ବଢ଼ି ଚାଲିଛି । ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ପୁଣି ବୃଦ୍ଧି କରାଯାଇଛି । ଏହି ଜିଲାରେ ନିର୍ବାଚନ ପରିଚାଳନା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳି ନିର୍ବାଚନମଣ୍ଡଳୀର ପ୍ରମୋଦ ପାତ୍ରଙ୍କୁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ କରାଯାଇଛି । ଜିଲା ସାଧାରଣ ସମ୍ପାଦକ ତଥା ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ କହିବାନୁସାରେ, ପ୍ରଥମେ ୨୨ ବ୍ଲକ ଏବଂ ବ୍ରହ୍ମପୁର ମହାନଗର, ହିଞ୍ଜିଳି ପୌର ପରିଷଦ ଏବଂ ୧୬ ଏନ୍ଏସି ସଭାପତି ନିର୍ବାଚନ ହେବ। ଏଥିପାଇଁ ରିଟର୍ନିଂ ଅଫିସର ତାଲିକା ପ୍ରସ୍ତୁତ ହୋଇଛି। ବୁଧବାର ଏହି ତାଲିକା ରାଜ୍ୟ ବିଜେଡି କାର୍ଯ୍ୟାଳୟକୁ ପଠାଯିବ ଓ ଅନୁମୋଦନ ପରେ ଘୋଷଣା କରାଯିବ। ଶେଷ ପର୍ଯ୍ୟାୟରେ ଜିଲା ସଭାପତି ନିର୍ବାଚନ ହେବ । ଏଥିନିମନ୍ତେ ଜିଲାର ବିଧାୟିକା ଓ ବିଧାୟକମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି।

### ଧରାକୋଟ-ଖରିଫ ଧାନ ସଂଗ୍ରହ ସମୀକ୍ଷା ବୈଠକ

# ୧୫ରୁ ମଣ୍ଡିରେ ଧାନକିଣା



ବୈଠକରେ ଆଲୋଚନା ଚାଲିଛି।

**ଧରାକୋଟ,୧୦।୧୨(ଡି.ଏନ.ଏ.)**

ଧରାକୋଟ ବ୍ଲକ ପରିସରସ୍ଥ ଶିଶୁ ଓ ମହିଳା ବିଭାଗ ସଭାଗୃହରେ ଧାନ ସଂଗ୍ରହ ଓ ମଣ୍ଡି ଉଦ୍‌ଘାଟନ ସହ ଖରିଫ ଧାନ କିଣା ପାଇଁ ବ୍ଲକ ଅଧକ୍ଷା ରୀନା ଗୌଡ଼ଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ଅଜୟ କୁମାର ପ୍ରଧାନ, ସହକାରୀ ସାଧାରଣ ବଣ୍ଟନ ଅଧିକାରୀ ଲିଙ୍ଗରାଜ ବେହେରା, ଏବିଡିଓ ସୁଶିଲ କୁମାର ପଟ୍ଟନାୟକ, ଏସ୍ଆରସିଏସ୍ ଏଲଏନ ବେହେରା, ଉପାଧକ୍ଷ ଭଗବାନ ସ୍ୱାଇଁ, ସିଡିପିଓ ସରୋଜବାଳା ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଯୋଗାଣ ଅଧିକାରୀ ଶରତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ମାସ ୧୫ ତାରିଖରୁ ୧୫ ସୋସାଇଟି ଓ ଗୋଟିଏ ଏସ୍ଏଚଜି ଗ୍ରୁପ ମାଧ୍ୟମରେ ଧାନ କିଣାଯିବା ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ବ୍ଲକସ୍ତରର ୬୫୦୦ ଚାଷୀଙ୍କଠାରୁ ଧାନ କିଣାଯିବ। ଏହାସହ ସାଧାରଣ ଏଫଏକ୍ୟୁ ମାନର ଧାନ ୧୮୧୫ ଟଙ୍କା କୁଇଣ୍ଟାଲ ପିଛା ଚାଷୀଙ୍କୁ ପ୍ରଦାନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ ଗତବର୍ଷ ୧ ଲକ୍ଷ ୨୦ ହଜାର କୁଇଣ୍ଟାଲ ଧାନ ମଣ୍ଡି ମାଧ୍ୟମରେ ସଂଗ୍ରହ ହୋଇଥିଲା। ଏହାସହ ଧାନ କିଣାଯିବା ବେଳେ ଚାଷୀଙ୍କର ଟଙ୍କା ଠିକ୍ ସମୟରେ ପୈଠ କରିବା, ଧାନ କିଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ମିଲର, ଚାଷୀ, ସମବାୟ ସମ୍ପାଦକ, ସମବାୟ ବ୍ୟାଙ୍କ କର୍ମଚାରୀ, କୃଷି କର୍ମଚାରୀଙ୍କ ସମେତ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ।

# ଆର.ଉଦୟଗିରି ପଞ୍ଚାୟତ ସମିତି ବୈଠକ


ବୈଠକରେ ମଞ୍ଚାସୀନ ଅତିଥି।

**ଆର.ଉଦୟଗିରି,୧୦।୧୨ (ଡି.ଏନ.ଏ.)**

ଆର.ଉଦୟଗିରି ପଞ୍ଚାୟତ ୯ମ ସମିତି ବୈଠକ ମଙ୍ଗଳବାର ଅଧକ୍ଷା ଅନିତା ମଣ୍ଡଳଙ୍କ ଅଧକ୍ଷତାରେ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବ୍ଲକର ବିଭିନ୍ନ ଯୋଜନା ଉପରେ ଆଲୋଚନା କରିବା ସହ ଆର.ଉଦୟଗିରିରେ ଥିବା ବସଷ୍ଟାଣ୍ଡର ଉନ୍ନତୀକରଣ ଏବଂ ନବୀକରଣ କରିବା ପାଇଁ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। କିଛି ପ୍ରତିନିଧି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କରିବାରେ ଜିଆର୍‌ଏସ ପଦବୀଗୁଡ଼ିକ ଖାଲି ପଡ଼ିଥିବା ଯୋଗୁ ଆଗକୁ କାମ ଯାଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ଅନଗାଁ ଓ ସୁବଲଡ଼ା ପଞ୍ଚାୟତର ପ୍ରତିନିଧିମାନେ ଜିଆର୍‌ଏସ୍‌ମାନେ ଠିକ ଭାବେ କାମ କରୁନାହାନ୍ତି। ଆଉ କିଛି ବ୍ୟକ୍ତି ଅନିୟମିତତା କାମଗୁଡ଼ିକ କରୁଛନ୍ତି ବୋଲି ଅନଗାଁ ସରପଞ୍ଚ କହିଥିଲେ। ପଞ୍ଚାୟତ ସମିତିକୁ ଯେଉଁସବୁ ଫଣ୍ଡ ଆସୁଛି ସେହି ଫଣ୍ଡଗୁଡ଼ିକ ବ୍ଲକ ଅଧକ୍ଷା ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମନଇଚ୍ଛାରେ କାମ ହେଉଛି ବୋଲି ରାମଗିରି ସମିତିସଭ୍ୟ ରାମଚନ୍ଦ୍ର ରଣସିଂହ ନାୟକ କହିବାରୁ ବୈଠକରେ ପାଟିତୁଣ୍ଡ ହୋଇଥିଲା। ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ରାତିରେ ଡାକ୍ତରମାନେ ରହୁନାହାନ୍ତି ଏବଂ ଗତ ୬ ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ନ ଥିବାରୁ ଟର୍ଚ୍ଚ ଲାଇଟରେ ଡେଲିଭରି କରାଯାଇଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ବୈଠକରେ ବିଡିଓ ପ୍ରଦୀପ କୁମାର ନାୟକ, ଜିଲା ପରିଷଦ ସଭ୍ୟ ଯାକବ ମାଝୀ, ସୁପ୍ରଭା ମଣ୍ଡଳ, ଉପାଧକ୍ଷ ନବୀନ ରଇତ, ଏମ୍‌ପି ପ୍ରତିନିଧି ଯୁଧିଷ୍ଠିର ବଡ଼ମୁଣ୍ଡି ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ ।

### କୁଷ୍ଠ ଆକ୍ରାନ୍ତଙ୍କ ପରିବାରକୁ ସହାୟତା

**ଦାରିଙ୍ଗବାଡ଼ି,୧୦।୧୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଥିବା କୁଷ୍ଠ ଆକ୍ରାନ୍ତଙ୍କ ପରିବାର ଲୋକଙ୍କୁ ମଙ୍ଗଳବାର ସହାୟତା କରାଯାଇଛି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ କ୍ଷିତୀଶ୍ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସାଲୁଗା ପ୍ରଧାନ, ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଆକାଉଣ୍ଟସ ଅଫିସର କ୍ଷେତ୍ରୀବର ଜାନୀ ପ୍ରମୁଖ ଯୋଗ ଦେଇ କୁଷ୍ଠ ଆକ୍ରାନ୍ତଙ୍କ ପରିବାର ଲୋକଙ୍କୁ ଶୀତବସ୍ତ୍ର ସହ ବାସନକୁସନ, ଛତା, ପିଲାଙ୍କ ପାଠପଢ଼ା ଉପକରଣ ଓ ପୋଷାକ ଆଦି ପ୍ରଦାନ କରିଥିଲେ। ବ୍ଲକରେ ମୋଟ ୧୩ ପରିବାରକୁ ଏହି ସହାୟତା ଦିଆଯାଇଛି । ଗୋଷ୍ଠୀ କାର୍ଯ୍ୟକ୍ରମ ସଂଗଠକ ଧରେନ୍ଦ୍ର ବଲିଆରସିଂ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବିକ୍ରମ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଏସ୍‌ଡିଏଏ କପ୍ ଫୁଟବଲ ଫାଇନାଲରେ ଆଠଗଡ଼ ଟିମ୍

**ବାଲିଗୁଡା,୧୦।୧୨(ଡି.ଏନ୍.ଏ.)**

ବାଲିଗୁଡା ଉପଖଣ୍ଡ କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ଏସ୍‌ଡିଏଏ କପ ଫୁଟବଲ ପ୍ରତିଯୋଗିତାର ପ୍ରଥମ ସେମି ଫାଇନାଲ ମଙ୍ଗଳବାର କେଏଫସି, ଆଠଗଡ ଓ ୟୁଏସସି ବରଗଡ଼ ଟିମ ମଧ୍ୟରେ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେବାରେ ସମର୍ଥ ନ ହେବାରୁ ପେନାଲଟିକ ଗୋଲ ଜରିଆରେ ଆଠଗଡ ଟିମ ୫-୩ ଗୋଲରେ ବରଗଡ଼ ଦଳକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ବରଗଡ଼ ଦଳର ନବୀନ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରି ପୁରସ୍କୃତ କରାଯାଇଛି। ମ୍ୟାଚକୁ ମୁଖ୍ୟ ଅତିଥି ଭାବେ କ.ନୂଆଗାଁ ପଞ୍ଚାୟତ ସମିତି ଅଧକ୍ଷା ସୁଲୋଚନା ଦଳବେହେରା ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡାବିତ ରବିଚନ୍ଦ୍ର ପାଳ, କୃଷ୍ଣ ମୋହନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଡ଼.ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଡ଼.ସୁଶାନ୍ତ କୁମାର ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ।

### ଜାତୀୟସ୍ତରୀୟ କୁଇଜ୍ ପ୍ରତିଯୋଗିତା 'ଆୟୁର୍ୱିଜ ୪'

# କେଏଟିଏସ୍ ଆୟୁର୍ବେଦ କଲେଜକୁ ଦ୍ୱିତୀୟ ପୁରସ୍କାର

**ବ୍ରହ୍ମପୁର ଅଫିସ,୧୦।୧୨**

ଜାତୀୟସ୍ତରୀୟ କୁଇଜ ପ୍ରତିଯୋଗିତା 'ଆୟୁର୍ୱିଜ ୪'ରେ ଭାଗନେଇ ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ହିମାଳୟ ଡ୍ରଗ କମ୍ପାନୀ ପକ୍ଷରୁ ବାଙ୍ଗାଲୋର ଇନଷ୍ଟିଚ୍ୟୁଟ ଅଫ ସାଇନ୍ସରେ ସୋମବାର ଜାତୀୟସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟସ୍ତର ଓ ଜୋନାଲସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିବା କେଏଟିଏସ୍ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ରୀ ସନ୍ଧ୍ୟାରାଣୀ ପାଢୀ ଓ ଛାତ୍ର ଡି. ଶ୍ୟାମସୁନ୍ଦର ଏହି ପ୍ରତିଯୋଗିତାରେ ଭାଗନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବାଙ୍ଗାଲୋରରେ ଦୁଇ ଛାତ୍ରୀଛାତ୍ରଙ୍କ ସମେତ ଅଧକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆଙ୍କୁ ଆୟୋଜକଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ସଫଳତା ପାଇଁ ମହାବିଦ୍ୟାଳୟକୁ ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଙ୍କ ଗସ୍ତ

**ଶେରଗଡ,୧୦।୧୨(ଡି.ଏନ୍.ଏ.)**


ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ବ୍ଲକରେ ଆଲୋଚନା କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲୀପ କୁମାର ମହାନ୍ତି ମଙ୍ଗଳବାର ଶେରଗଡ ବ୍ଲକ ଗସ୍ତରେ ଆସିଥିଲେ । ସ୍ୱତନ୍ତ୍ର ସଚିବ ପ୍ରଥମେ ଡେଙ୍ଗାପଦର ପଞ୍ଚାୟତକୁ ଯାଇଥିଲେ। ସେଠାକାର ରାଜୀବ ସେବାକେନ୍ଦ୍ରରେ ସରପଞ୍ଚ ରାମକୃଷ୍ଣ ପଲେଇ ଓ ସମିତିସଭ୍ୟ ବୁଢ଼ା ପ୍ରଧାନଙ୍କଠାରୁ ପଞ୍ଚାୟତର ବିଭିନ୍ନ ସମସ୍ୟା ବୁଝିଥିଲେ। ସେଠାରୁ କୃଷ୍ଣଛାଇ ପଞ୍ଚାୟତକୁ ଯାଇ ସରପଞ୍ଚ ରୀନା ସେଠୀ ଓ ସମିତିସଭ୍ୟ ହରି ବେହେରାଙ୍କ ସହ ସମସ୍ୟା ଆଲୋଚନା କରିଥିଲେ । ସେଠାରେ ଉପସ୍ଥିତ ଗ୍ରାମବାସୀ ଗ୍ରାମର ଆବଶ୍ୟକତା ସମ୍ପର୍କରେ ଜଣାଇଥିଲେ। ପରେ ବ୍ଲକରେ ଜନପ୍ରତିନିଧି ଓ ପ୍ରଶାସନ ସହ ସମସ୍ୟା ଆଲୋଚନା କରିଥିଲେ। ଆଲୋଚନା ବୈଠକରେ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ପାତ୍ର, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ରପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା, ଚିନିଶିଳ୍ପ ପରିଚାଳନା ସଭାପତି ବିପିନ ବିହାରୀ ପାତ୍ର ,ବିଡିଓ ସୁରଞ୍ଜନ କୁମାର ସାହୁ, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡ଼ଙ୍ଗୀ, ଏବିଡିଓ ଧରଣୀଧର ଭୂୟାଁ, ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ।

# ମାନବାଧିକାର ଦିବସ ପାଳିତ


ବିଚାରପତି ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ ଓ ଅନ୍ୟମାନେ।

**ପୁରୁଷୋତ୍ତମପୁର, ୧୦।୧୨ (ଡି.ଏନ.ଏ.)**

ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନ ସେବା କମିଟି ପକ୍ଷରୁ ମଙ୍ଗଳବାର ମାନବାଧିକାର ଦିବସ ତାରାତାରିଣୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ସେବା କମିଟିର ଅଧକ୍ଷା ତଥା ବିଚାରପତି ଅନ୍ନପୂର୍ଣ୍ଣା ଷଡଙ୍ଗୀ ଯୋଗଦେଇ ମାନବାଧିକାର ଆଇନ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। କଲେଜର ପ୍ରଶାସନିକ ଅଧିକାରୀ ସୁଦର୍ଶନ ପଣ୍ଡା, ଓକିଲ ସଂଘ ସଭାପତି ଜଗନ ମୋହନ ପଟ୍ଟନାୟକ, ସମ୍ପାଦକ ପ୍ରଭାତ କୁମାର ପଟ୍ଟନାୟକ, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା, କେଦାରନାଥ ପଟ୍ଟନାୟକ, ପ୍ରଭାତ କୁମାର ଦାଶ, ସ୍ୱରାଜ୍ୟ ପାଣିଗ୍ରାହୀ, ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗଦେଇ ସଚେତନତା କରାଇଥିଲେ। କୋର୍ଟର କର୍ମଚାରୀ ପ୍ରଶାନ୍ତ କୁମାର ପାଢୀ, ଗଗନ ପାଣିଗ୍ରାହୀ, ପ୍ରସନ୍ନ କୁମାର ବେହେରା ଏହାକୁ ପରିଚାଳନା କରିଥିଲେ।

# ଫିରିଙ୍ଗିଆରେ ଜନଶୁଣାଣି ଶିବିର

**ଫିରିଙ୍ଗିଆ,୧୦।୧୨**

ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏ ମ୍ ଜି ଏ ନ୍ ଆ ର ଇ ଜି ଏ ସ୍ )ର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଏପିଓ ସୁମନ୍ତ ଉତଥାନ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଲାଲନନ୍ଦ ପ୍ରଧାନ, ବିଡିଓ ରଶ୍ମିରଞ୍ଜନ ମହାନ୍ତ ପ୍ରମୁଖ ଯୋଗଦେଇ ଏମ୍‌ଜିଏନ୍‌ଆରଇଜିଏସ୍ ଉପରେ ଶୁଣାଣି କରିଥିଲେ ।

୨୦୧୮ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା କାର୍ଯ୍ୟର ରିପୋର୍ଟ ଭିଲେଜ ରିସୋର୍ସ ପର୍ସନ ମାନେ ପ୍ରଦାନ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀମାନେ ନିଜର ତଥା ଅଞ୍ଚଳର ସମସ୍ୟା ବିଷୟରେ ଅଭିଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବନ ବିଭାଗ ଓ ଆଇଟିଡିଏ ବିଭାଗରୁ କେହି ଅଧିକାରୀ ଉପସ୍ଥିତ ନ ଥିବାରୁ ଅଭିଯୋଗ କରିବା ପାଇଁ ଆସିଥିବା ହିତାଧିକାରୀ ଅସନ୍ତୋଷ ପ୍ରକାଶ କରିଥିଲେ । ୨୦୧୮-୧୯ ଆର୍ଥିକ ବର୍ଷରେ ଫିରିଙ୍ଗିଆ ବ୍ଲକରେ ସମୁଦାୟ ୧୫,୧୬୯ ଜଣ ଶ୍ରମିକ କାମ ପାଇଁ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨,୫୧୪ ଜଣ ଶ୍ରମିକଙ୍କୁ କାର୍ଯ୍ୟ ଯେଗାଇ ଦିଆଯାଇଥିବା ବୈଠକରେ ସୁଚନା ଦିଆ ଯାଇଥିଲା । ଅନ୍ୟପଟେ ଫିରିଙ୍ଗିଆ ବ୍ଲକର ଅନେକ ଗାଁକୁ ବର୍ତ୍ତମାନ ପର୍ଯ୍ୟନ୍ତ ଭଲ ରାସ୍ତା ନ ଥିବା କଥାକୁ ଏପିଓ ସ୍ୱୀକାର କରିବା ସହ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ରାସ୍ତା ଗୁଡିକ ନିର୍ମାଣ କରାଯିବ ବୋଲି କହିଥିଲେ। କେଳାପଡା ସରପଞ୍ଚ ପ୍ରେମଶିଳା ଝାଙ୍କରଙ୍କ ସହ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଗ୍ରାମ ରୋଜଗାର ସେବକ, କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ଦିଗାଳ, ବନ୍ଧଗଡ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ପାଢ଼ି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ବିଡିଓ, ବ୍ଲକ ଅଧକ୍ଷଙ୍କ ସହ ଅନ୍ୟମାନେ ।

# ଅସ୍ଥିରତା ସୃଷ୍ଟିକରିବ ନାଗରିକତ୍ୱ ସଂଶୋଧନ ବିଲ୍

**ବ୍ରହ୍ମପୁର ଅଫିସ୍,୧୦।୧୨**

ନାଗରିକତ୍ୱ (ସଂଶୋଧନ) ବିଲ୍ ସୋମବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଏଥି ସହ ବିଲ୍‌ର ସପକ୍ଷ ଏବଂ ବିପକ୍ଷରେ ମଧ୍ୟ ବିତର୍କ ଆରମ୍ଭ ହୋଇଛି। ମଙ୍ଗଳବାର ଶହୀଦ ଭଗତ୍ ସିଂ ପାଠଚକ୍ର ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଲ୍‌ଯୋଗୁ ଦେଶରେ ଅସ୍ଥିରତା ସୃଷ୍ଟିହେବ। ଧର୍ମ ଭିତରେ ବିଭେଦତା ସହ ଦେଶର ଅନେକ ସ୍ଥାନରେ ଅସନ୍ତୋଷ ଦେଖାଦେବ ବୋଲି ମତପ୍ରକାଶ ପାଇଥିଲା। ବରିଷ୍ଠ ବୁଦ୍ଧିଜୀବୀ ଇଂ. ରାଜା ସୁରେଶ ଏଥିରେ ଅଧକ୍ଷତା କରିଥିବା ବେଳେ ପ୍ରଗତିଶୀଳ ବୁଦ୍ଧିଜୀବୀ ଭାଲଚନ୍ଦ୍ର ଷଡ଼ଙ୍ଗୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଦେଶରେ ସାମ୍ପ୍ରଦାୟିକ ଧ୍ରୁବୀକରଣ କରିବାକୁ ଏହି ବିଲ୍ ଉଦ୍ଦିଷ୍ଟ। ଭାରତୀୟ ସମ୍ବିଧାନର ମୂଳ ଆଧାର ହେଉଛି ଧର୍ମନିରପେକ୍ଷତା। କିନ୍ତୁ ମୁସଲିମ୍ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନକୁ ମନା କରୁଥିବା ଏହି ବିଲ୍ ସମ୍ବିଧାନର ମୂଳ ଆଧାର ବିରୋଧୀ । ଭାରତକୁ ଭାଗ ଭାଗ କରିବାକୁ ଭାଜପା ଉଦ୍ୟମ କରୁଛି ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ସେ ଦେଶରେ ମାନବାଧିକାର ଉଲ୍ଲଂଘନ ଜନିତ ଘଟଣାଗୁଡ଼ିକୁ ନେଇ ଚିନ୍ତା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବବାଦୀ ହେତୁବାଦୀ ସଂଗଠନ ଜିଲା ସମ୍ପାଦକ ନନ୍ଦେଶ୍ୱ ସେନାପତି, ପ୍ରତାପ ନାୟକ, ଶିବରାମ ସାହୁ, ଲକ୍ଷ୍ମୀନୃସିଂହ ରଥ, ମାନବ ଅଧିକାର ସୁରକ୍ଷା ମଞ୍ଚର ଅବନୀ କୁମାର ଗୟା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।



ପାଠଚକ୍ରରେ ଉପସ୍ଥିତ ଆଲୋଚକମାନେ ।




# ଝୁଲନ୍ତା ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ,୧୦।୧୨(ଡି.ଏନ୍.ଏ.)

ହିଞ୍ଜିଳି ଥାନା ପିତଳ ଦେଶୀ ବେହେରାସାହିର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ହୃଷୀକେଶ ସେନାପତି। ଏ ନେଇ ନଂ. ୨୮/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଭୋରରେ ଘର ବାରଣ୍ଡାରେ ଥିବା ଏକ କାଠ ଦୁଲାରେ ଗାମୁଛା ବାନ୍ଧି ହୃଷୀକେଶ ଆତ୍ମହତ୍ୟା କରିଥିବା ତାଙ୍କ ପୁଅ ବିନୋଦ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧଙ୍କ ମୃତଦେହକୁ ଜବତ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।




## ସଂଘବଦ୍ଧ ଆକ୍ରମଣ ମାମଲା

# ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

ଦିଗପହଣ୍ଡି,(ଡି.ଏନ.ଏ.)/ପାଟପୁର,୧୦।୧୨

ସାନଖେମୁଣ୍ଡି ବ୍ଲକ ପ୍ରତାପଗିରି ଗ୍ରାମରେ ୨୦୦୪ ଏପ୍ରିଲ ୧୨ ରେ ଘଟିଥିବା ସଂଘବଦ୍ଧ ଆକ୍ରମଣ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଗତ କିଛିଦିନ ହେଲା ଦିଗପହଣ୍ଡି ସବ୍ ଜେଲରେ ବିଚାରାଧୀନ ଅନ୍ତେବାସୀ ଭାବେ ରହିଥିବା ପ୍ରତାପଗିରି ଗ୍ରାମର କୃଷ୍ଣ ନାୟକଙ୍କୁ ମଙ୍ଗଳବାର ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟ ମାଜିଷ୍ଟ୍ରେଟ ବିଷ୍ଣୁ ପ୍ରସାଦ ଦେବତା ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣା ଦିନ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଗ୍ରାମରେ ନିର୍ବାଚନ ପ୍ରଚାର ପାଇଁ ବାଜା ବଜାଇବାକୁ କେନ୍ଦ୍ରକରି ଲିଙ୍ଗା ନାୟକଙ୍କ ଘର ସମ୍ମୁଖରେ ଦୟା ନାୟକ ଓ ଅଭି ନାୟକଙ୍କ ମଧ୍ୟରେ ମାରପିଟ ହେଉଥିଲା। ମନୁ ନାୟକ ଓ ଅରକ୍ଷିତ ନାୟକ ଛଡ଼ାଇବାକୁ ଯିବାରୁ ତାଙ୍କୁ କୃଷ୍ଣଙ୍କ ସମେତ ଅନ୍ୟ ୭ ଜଣ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। କାତି ଚୋଟରେ ମନୁ ଓ ଅରକ୍ଷିତ ଗୁରୁତର ହୋଇଥିଲେ। ପାଟପୁର ପୋଲିସ ପହଞ୍ଚିବା ପରେ ମନୁ ନାୟକଙ୍କ ସ୍ତ୍ରୀ ଉର୍ମିଳା ଏତଲା ଦେଇଥିଲେ। ଥାନା ମାମଲା ନଂ. ୫୫/୦୪ ଦଫା ୧୪୭/୧୪୮/୧୪୯/୩୪୧/୩୩୭/୩୨୪/ଅନୁଯାୟୀ ଅଭିଯୁକ୍ତମାନଙ୍କ ନାଁରେ ମକଦ୍ଦମା ରୁଜୁ କରାଯାଇଥିଲା। ତତ୍କାଳୀନ ଥାନା ଅଧିକାରୀ କୁଞ୍ଜ ବିହାରୀ ପଟ୍ଟନାୟକ ଘଟଣାର ତଦନ୍ତ କରି ନଂ. ୯୬/୦୪ ଅନୁଯାୟୀ ସମସ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ସମୁଦାୟ ୯ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମାଜିଷ୍ଟ୍ରେଟ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପୂର୍ବରୁ ଏହି ମାମଲାରେ ୭ ଜଣଙ୍କ ବିରୋଧରେ ଦଣ୍ଡାଦେଶର ଶୁଣାଣି କରାଯାଇଛି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ସତ୍ୟନାରାୟଣ ରଥ, ଦୀପକ କୁମାର ସେଠୀ ମାମଲା ପରିଚାଳନା କରୁଥିଲେ।




# ବୋଲେରୋ-ଅଟୋ ମୁହାଁମୁହିଁ ଧକ୍କା: ୫ ଗୁରୁତର

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୧୦।୧୨(ଡି.ଏନ୍.ଏ.):

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ବଙ୍ଗରଦୁଆ ଘାଟିରେ ମଙ୍ଗଳବାର ଏକ ବୋଲେରୋ ସହ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ୧୦ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଓ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରୁ ଝିଞ୍ଜିରିଗୁଡା ପଞ୍ଚାୟତ ଗଡ଼ମା ଗ୍ରାମର ଆଇବ ମଲିକ, ଆହରଣ ମୁଠାମାଝି, ଅନନ୍ତ ମାଝି, କୁମ୍ଭାରୀଗାଁ ପଞ୍ଚାୟତ ଲାଣ୍ଡାଗୁଡି ଗ୍ରାମର ମାଧୁରୀ ବଳିଆରସିଂ ଏବଂ ସରାମୂଳି ପଞ୍ଚାୟତ ମାର୍ଦ୍ଦିପଙ୍କା ଗ୍ରାମର ସତ୍ୟେନ୍ଦ୍ର ମାଝିଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ବୋଲେରୋ (ନଂ.ଓଡି-୦୨ଏଟି-୫୫୯୪) ବ୍ରାହ୍ମଣୀଗାଁ ପଟୁ ବାଲିଗୁଡା ଅଭିମୁଖେ ଯାଉଥିବା ବେଳେ ବଙ୍ଗରଦୁଆ ଘାଟିରେ ଗଦାପୁରରୁ ଯାତ୍ରୀ ନେଇ ବ୍ରାହ୍ମଣୀଗାଁ ଅଭିମୁଖେ ଯାଉଥିବା ଅଟୋ (ନଂ.ଓଡି-୦୭ପି- ୨୦୮୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା।

# ମ୍ୟାଜିକ୍ ଓଲଟି ୨୩ରୁ ଊର୍ଦ୍ଧ୍ୱ ଆହତ

କୋଟଗଡ,୧୦।୧୨(ଡି.ଏନ.ଏ.)

କୋଟଗଡ ବ୍ଲକ ମଦାଙ୍ଗି ନିକଟରେ ମଙ୍ଗଳବାର ସକାଳେ ଏକ ମ୍ୟାଜିକ୍ ଓଲଟି ପଡ଼ିବାରୁ ୨୩ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମସ୍ତଙ୍କୁ କୋଟଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୧୮ ଜଣଙ୍କୁ ବାଲିଗୁଡା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗାଡ଼ିରେ ଗୁଲୁଗୁମାହା ପଞ୍ଚାୟତ ଭୂତାଡି ଗ୍ରାମର ୩୦ ଲୋକେ ହାଟ କରିବା ପାଇଁ କୋଟଗଡ ବ୍ଲକକୁ ଆସୁଥିଲେ। ମଦାଙ୍ଗି ନିକଟରେ ମ୍ୟାଜିକ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଘଟଣାସ୍ଥଳରୁ ଗାଡି ଚାଳକ ଫେରାର ଥିବା ବେଳେ କୋଟଗଡ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ଟ୍ରାକ୍ଟରକୁ ଧକ୍କାଦେଲା ଅଟୋ, ୪ ଆହତ

ଗଞ୍ଜାମ,୧୦।୧୨(ଡି.ଏନ.ଏ.)

ପାଲୁରୁ ଜଙ୍କଶନ ବେଲପଡ଼ା ଗ୍ରାମ ନିକଟସ୍ଥ ୧୬ନଂ. ଜାତୀୟ ରାଜପଥରେ ମଙ୍ଗଳବାର ଏକ ଟ୍ରାକ୍ଟର-ଅଟୋ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି। ଦିଗପହଣ୍ଡି ଅଞ୍ଚଳର ଅଟୋ ରମ୍ଭାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବସିଥିବା ୪ ଜଣଙ୍କ ମଧ୍ୟରୁ ତିନିଜଣ ଆହତ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ଅଛନ୍ତି। ହୁମ୍ମା ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ରମ୍ଭା ଦମକଳ ବାହିନୀକୁ ଫୋନ ଯୋଗେ ଜଣାଇଥିଲେ। ସେମାନେ ଆସି ଆହତମାନଙ୍କୁ ପ୍ରଥମେ ରମ୍ଭା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ